# NATIONAL NEWS BULLETIN (ODIA)

## 18 May - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତ-ନରୱେ ସମ୍ପର୍କକୁ ଏକ ସବୁଜ ରଣନୈତିକ ଭାଗିଦାରୀରେ ପରିଣତ କରିବା ଦିଗରେ ପ୍ରତିବଦ୍ଧତା ସ୍ପଷ୍ଟ କଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ।

– ପଞ୍ଚଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଇଟାଲୀ ଗସ୍ତ ।

- ଭିଏତ୍‌ନାମ ଓ ଦକ୍ଷିଣ କୋରିଆ ସହିତ ଭାରତର ରଣନୈତିକ ସାମରିକ ସହଯୋଗକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ହାନୋଇରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଆଯାଇଥିବା ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଶଂସା ।
- ଭୁବନେଶ୍ୱରରେ ଆସନ୍ତାକାଲି ଆୟୋଜିତ ହେବ ପୂର୍ବାଞ୍ଚଳ କୃଷି ସମ୍ମିଳନୀ, ଯୋଗଦେବେ କେନ୍ଦ୍ର କୃଷି ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ବିପକ୍ଷରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍‌ର ବ୍ୟାଟିଂ କରିବାକୁ ନିଷ୍ପତ୍ତି ।

# ପିଏମ୍-ଭିଜିଟ୍

ଭାରତ-ନରୱେ ସମ୍ପର୍କକୁ ଏକ ସବୁଜ ରଣନୈତିକ ଭାଗିଦାରୀରେ ପରିଣତ କରିବା ଦିଗରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି । ଆଜି ଓସ୍‌ଲୋଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ନରୱେ ପ୍ରତିପକ୍ଷ ଜୋନାସ୍ ଗାର୍ ଷ୍ଟୋର୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ତଥା ପ୍ରତିନିଧି ସ୍ତରୀୟ ଆଲୋଚନା ସମୟରେ ଏହି ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ସ୍ୱଚ୍ଛ ଶକ୍ତି, ନୀଳ ଅର୍ଥନୀତି ଏବଂ ସବୁଜ ପରିବେଶ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଏହି ରଣନୈତିକ ଭାଗିଦାରୀ ଏକ ଉଲ୍ଲେଖନୀୟ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ।

ଏହି ଆଲୋଚନାରେ ଉଭୟ ନେତା ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ, ନୀଳ

ଅର୍ଥନୀତି, ଅକ୍ଷୟଶକ୍ତି, ଶିକ୍ଷା, ବିଜ୍ଞାନ କାରିଗରୀ କୌଶଳ, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ପ୍ରସଙ୍ଗଗୁଡ଼ିକ ସ୍ଥାନ ପାଇଥିଲା । ଅର୍ଥନୀତି ଭାଗିଦାରୀ ବୁଝାମଣାପତ୍ର ବିଶେଷ କରି ବାଣିଜ୍ୟ, ବୈଶୟିକ ଜ୍ଞାନକୌଶଳ ଏବଂ ନିଯୁକ୍ତି ସୃଷ୍ଟି ଆଦି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବା ଉପରେ ଉଭୟ ନେତା ନିଜର ସମ୍ମତି ପ୍ରକାଶ କରିଛନ୍ତି ।

ଆଲୋଚନା ପରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଏକ ଯୁଗ୍ମ ପ୍ରେସ୍ ବିବୃତ୍ତି ଜାରି କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଗତବର୍ଷ ତାଙ୍କର ନରୱେ ଗସ୍ତ କରିବାର କାର୍ଯ୍ୟସୂଚୀ ଥିଲା । ମାତ୍ର ପହଲଗାମ ଆତଙ୍କବାଦ ଆକ୍ରମଣ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଭାରତ ବିରୁଦ୍ଧରେ ଆତଙ୍କବାଦ ଆକ୍ରମଣ ସମୟରେ ନରୱେ ଭାରତକୁ ଦୃଢ଼ ସମର୍ଥନ ଦେଇଥିବାରୁ ଶ୍ରୀ ମୋଦୀ ଧନ୍ୟବାଦ ଦେବା ସହିତ ଏହା ପ୍ରକୃତ ବନ୍ଧୁତ୍ୱର ପ୍ରତିଫଳନ ବୋଲି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଗତବର୍ଷଠାରୁ କାର୍ଯ୍ୟକାରୀ ହୋଇଥିବା ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ସହିତ ବାଣିଜ୍ୟ ଓ ଅର୍ଥନୀତି ଭାଗିଦାରୀ ରାଜିନାମା ଭାରତ-ନରୱେ ମଧ୍ୟରେ ପ୍ରଗତି ଓ ସମୃଦ୍ଧିର ଏକ ବ୍ଲୁ ପ୍ରିଣ୍ଟ ଭାବେ କାର୍ଯ୍ୟ କରୁଛି । ଏହାଛଡ଼ା ଇଣ୍ଡୋ-ପ୍ୟାସିଫିକ୍ ଓସିଏନ୍ସ ଇନିସିଏଟିଭ୍‌ରେ ନରୱେର ଯୋଗ ଦେବାର ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ଦୁଇ

ପ୍ରମୁଖ ସାମୁଦ୍ରିକ ଦେଶ ଭାରତ ଓ ନରୱେ ସାମୁଦ୍ରିକ ଅର୍ଥନୀତି, ସୁରକ୍ଷା ଏବଂ କ୍ଷମତା ନିର୍ମାଣ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ପଦକ୍ଷେପ ନେବେ ।

ବୈଶ୍ୱିକ ସମସ୍ୟାଗୁଡ଼ିକର ସଫଳ ମୁକାବିଲା ଲାଗି ବିଭିନ୍ନ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ସଂସ୍କାରର ଆବଶ୍ୟକତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଆତଙ୍କବାଦକୁ ସମ୍ପୂର୍ଣ୍ଣ ବିଲୋପ କରିବା ଦିଗରେ ଭାରତ-ନରୱେ ଦୃଢ଼ ପ୍ରତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଭାରତକୁ ଦୃଢ଼ ଭାବେ ସମର୍ଥନ କରିବା ଲାଗି ନରୱେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ନରୱେ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ଦେଇ କହିଛନ୍ତି – **V/O-1-PM-NORWEY**

## ପିଏମ୍-ଇଟାଲୀ

ପଞ୍ଚଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇ ଦିନିଆ ଇଟାଲୀ ଗସ୍ତ କରିବେ । ତାଙ୍କର ଇଟାଲୀୟ ପ୍ରତିପକ୍ଷ ଜର୍ଜିଆ ମେଲୋନିଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ଏହି ଅବସରରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ରୋମ୍ ଠାରେ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍

ବ୍ୟତୀତ ଶ୍ରୀ ମୋଦୀ ଇଟାଲୀର ରାଷ୍ଟ୍ରପତି ସର୍ଗିଓ ମାଟାରେଲାଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଇଟାଲୀର ବ୍ୟାବସାୟିକ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବିଭିନ୍ନ କ୍ଷେତ୍ରରେ ଭାରତର ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କର ଏହି ପଞ୍ଚଦେଶୀୟ ଗସ୍ତ ଇଟାଲୀରେ ସମାପ୍ତ ହେବ ।

## ରାଜନାଥ-ଭିଜିଟ୍

ଦୁଇରାଷ୍ଟ୍ର ଗସ୍ତ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଅପରାହ୍ନରେ ଭିଏତ୍‌ନାମର ହାନୋଇଠାରେ ପହଞ୍ଚିଛନ୍ତି । ଆଜିଠାରୁ ପ୍ରତିରକ୍ଷା ମନ୍ତ୍ରୀ ଭିଏତ୍‌ନାମ ଓ ଦକ୍ଷିଣ କୋରିଆ ଅଭିମୁଖେ ଗସ୍ତ କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ଏସିଆର ଏହି ଦୁଇ ଦେଶ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ହେଉଛି ତାଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ରଣନୈତିକ ସାମରିକ ସହଯୋଗକୁ ଅଧିକ ସୁଦୃଢ଼ କରିବା, ପ୍ରତିରକ୍ଷା ଶିଳ୍ପ ଭାଗିଦାରୀକୁ ସଶକ୍ତ କରିବା, ଦ୍ୱିପକ୍ଷିୟ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହନ ଦେବା ସହିତ ଭାରତ-

ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ସେ ଏହି ଦୁଇ ଦେଶର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ ।

ତାଙ୍କର ଭିଏତନାମ ଗସ୍ତ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କର ସ୍ଥାନୀୟ ପ୍ରତିପକ୍ଷ ଜେନେରାଲ୍ ଫାନ୍ ଭାନ୍ ଗ୍ୟାଙ୍ଗ୍‌ଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଭିଏତ୍‌ନାମର ପୂର୍ବତନ ରାଷ୍ଟ୍ରପତି ହୁ ଚି ମିନ୍‌ଙ୍କର ୧୩୬ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ ।

ସେହିଭଳି ଦକ୍ଷିଣ କୋରିଆ ଗସ୍ତ ଅବସରରେ ଶ୍ରୀ ସିଂହ ତାଙ୍କର ସ୍ଥାନୀୟ ପ୍ରତିପକ୍ଷ ଆହନ୍ ଗ୍ୟୁ-ବ୍ୟାକ୍‌ଙ୍କ ସହିତ ଦ୍ୱିପକ୍ଷିୟ ପ୍ରସଙ୍ଗ ସମେତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଦୁଇ ଦେଶ ମଧ୍ୟରେ ଥିବା ପ୍ରତିରକ୍ଷା ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ବାଣିଜ୍ୟ କାରବାରକୁ ଅଧିକ ସଶକ୍ତ କରାଯିବା ଉପରେ ଉଭୟ ନେତା ମତବିନିମୟ କରିବେ ।

# ନଡ୍ଡା-ଡିଜି ହୁ

ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଆଯାଇଥିବା ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-**WHO**ର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରସ୍ ଆଧାନମ୍ ଘେବ୍ରିୟେସସ୍ ପ୍ରଶଂସା କରିଛନ୍ତି । ସ୍ୱିଜରଲାଣ୍ଡର ଜେନେଭାଠାରେ ଚାଲିଥିବା ୭୯ତମ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେବା ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଡକ୍ଟର ଟେଡ୍ରସ୍‌ଙ୍କୁ ଭେଟିବା ସମୟରେ ସେ ଏହା କହିଛନ୍ତି ।

ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶ୍ରୀ ନଡ୍ଡା କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ଭାଗିଦାରୀରେ ଭାରତର ନେତୃତ୍ୱକୁ ଡକ୍ଟର ଟେଡ୍ରସ୍ ସ୍ୱାଗତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଡବ୍ଲ୍ୟୁ.ଏଚ୍.ଓ. ସହିତ ଭାରତର ଭାଗିଦାରିକୁ ଅଧିକ ସଶକ୍ତ କରିବା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଏହି ଅବସରରେ ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ସମାନତା ବଜାୟ ରଖିବା ସହିତ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ପାରମ୍ପରିକ ଔଷଧ, କୃତ୍ରିମ ବୁଦ୍ଧିମତା ଭିତ୍ତିକ ସାଧାରଣ ସ୍ୱାସ୍ଥ୍ୟ ନବସୃଜନ ଏବଂ ଯକ୍ଷ୍ମାର ମୂଳୋତ୍ପାଟନ ଦିଗରେ ଭାରତର ନିରନ୍ତର ପ୍ରୟାସ ଉପରେ ଶ୍ରୀ ନଡ୍ଡା ଆଲୋକପାତ କରିଛନ୍ତି । ଆସନ୍ତା ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେବା ଲାଗି ଶ୍ରୀ ନଡ୍ଡା ଗତ ରାତିରେ ସ୍ୱିଜରଲାଣ୍ଡରେ ପହଞ୍ଚିଛନ୍ତି ।

## ଶିବରାଜ-କନ୍‌ଫରେନ୍ସ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ କରାଯିବ। କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। କୃଷି କ୍ଷେତ୍ରର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେଇ ଏ କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବେ। ସମ୍ମିଳନୀ ପରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି।

## ୱେଷ୍ଟ ଏସିଆ ବ୍ରିଫ୍

ପଶ୍ଚିମ ଏସିଆରେ ଜାରି ରହିଥିବା ବିବାଦ ସତ୍ତ୍ୱେ ଭାରତରେ ସମସ୍ତ ବିଶୋଧନାଗାର ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି ବୋଲି ସରକାର

କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପଶ୍ଚିମ ଏସିଆର ସାମ୍ପ୍ରତିକ ଅଗ୍ରଗତି ସମ୍ପର୍କିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍, ଡିଜେଲ୍, ଏଲ୍‌ପିଜି ଓ ପ୍ରାକୃତିକ ଗ୍ୟାସ୍ ମହଜୁଦ୍ ରହିଛି । କୌଣସି ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ନିକଟରେ ଇନ୍ଧନ ଅଭାବ ଥିବା ଖବର ହସ୍ତଗତ ହୋଇନାହିଁ । ତେବେ ଗୁଜବ ଯୋଗୁଁ ଦେଶର କେତେକ ଭାଗରେ ଜନସାଧାରଣ ଭୟଭିତ ହୋଇ ପେଟ୍ରୋଲ୍ ଓ ଡିଜେଲ୍ କିଣିଥିବା ଜଣାଯାଇଛି ।

ମାର୍ଚ୍ଚ ମାସରୁ ଏ ପର୍ଯ୍ୟନ୍ତ ୭ ଲକ୍ଷରୁ ଊର୍ଦ୍ଧ୍ୱ ପି.ଏନ୍.ଜି. ସଂଯୋଗୀକରଣ କରାଯାଇଥିବା ବେଳେ ୨ ଲକ୍ଷ ୭୬ ହଜାର ସଂଯୋଗ ଦେବା ଲାଗି ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି । ଗତ ୪ ଦିନ ମଧ୍ୟରେ ୧ ଲକ୍ଷ ୭୨ ହଜାର ଘରୋଇ ଏଲ୍‌ପିଜି ସିଲିଣ୍ଡର ଦେଶ ବ୍ୟାପି ବିତରଣ କରାଯାଇଥିବା ବେଳେ ଚଳିତ ମାସରେ ଏ ପର୍ଯ୍ୟନ୍ତ ପ୍ରାୟ ୧ ଲକ୍ଷ ୮ ହଜାର ଟନ୍‌ର ବ୍ୟାବସାୟିକ ଏଲ୍‌ପିଜି ବିକ୍ରି ହୋଇଛି । ସେହିଭଳି ଗତ ୪ ଦିନରେ ୧ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ୫ କିଲୋଗ୍ରାମ୍‌ର ସିଲିଣ୍ଡର ମଧ୍ୟ ଦେଶ ବ୍ୟାପି ବିକ୍ରି ହୋଇଥିବା ଶ୍ରୀମତୀ ଶର୍ମା କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍‌ର କ୍ରିକେଟ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଓ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗସ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।